*ଆପଣ ଯଦି ନିଜ ଅଞ୍ଚଳ ତଥା ରାଜ୍ୟର ପରିବେଶ ତଥା ଜନସ୍ୱାର୍ଥର ସୁରକ୍ଷା ଚାହୁଁଥାନ୍ତି, ତେବେ . . .*

**କୌଣସି ଏକ ଶିଳ୍ପୋଦ୍ୟୋଗ ପ୍ରସ୍ତାବର ପାରିବେଶିକ ପ୍ରଭାବ ସମ୍ବନ୍ଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣି ପ୍ରକ୍ରିୟାରେ ଭାଗନେଇ ନିଜର ସ୍ୱାଧୀନ ଓ ନିର୍ଭୀକ ମତାମତ ପ୍ରକାଶ କରନ୍ତୁ ।**

**(ଭାରତ ସରକାରଙ୍କ ପାରିବେଶିକ ପ୍ରଭାବ ବିଜ୍ଞପ୍ତି, ୨୦୦୬ ଅନୁଯାୟୀ)**

---

**ପୃଷ୍ଠଭୂମି-**

ଯେ କୌଣସି ବୃହତ୍ ବା ମଧ୍ୟମ ଆକାରର ଶିଳ୍ପ ପ୍ରକଳ୍ପର ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପରିବେଶୀୟ ମଞ୍ଜୁରି ଦେବା ପୂର୍ବରୁ ତାହା ସମ୍ବନ୍ଧରେ ଏକ **ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀ (Environment Impact Assessment Report)** ପ୍ରସ୍ତୁତ ହୋଇଥାଏ ଏବଂ ତତ୍‌ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନ ତରଫରୁ ଏକ **ଜନ ଶୁଣାଣି (Public Hearing)** ଅନୁଷ୍ଠିତ ହୋଇଥାଏ, ଯେଉଁଥିରେ କି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ପ୍ରଭାବିତ ହେଉଥିବା ଆଗ୍ରହୀ ବ୍ୟକ୍ତିବିଶେଷ ନିଜର ମତାମତ ଉପସ୍ଥାପନ କରିଥାନ୍ତି । ଏବଂ ସେହି ମତାମତକୁ ଭିତ୍ତି କରି ପ୍ରସ୍ତାବିତ ପ୍ରକଳ୍ପକୁ କେନ୍ଦ୍ର ସରକାର ପରିବେଶୀୟ ମଞ୍ଜୁରି ଦେଇଥାନ୍ତି ବା ପ୍ରତ୍ୟାଖ୍ୟାନ କରିଥାନ୍ତି । ଏହି ବ୍ୟବସ୍ଥା ପ୍ରଥମେ କେନ୍ଦ୍ର ସରକାରଙ୍କ **ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି- ୧୯୯୪ (Environment Impact Assessment Notification-1994)** ଜାରି ହେବା ପରଠାରୁ ଚାଲୁ ହୋଇଥିଲା । କିନ୍ତୁ ଜନସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ବିଜ୍ଞପ୍ତିର ଏକ ମୌଳିକ ସୀମାବଦ୍ଧତା ଥିଲା; ଯଥା, ସଂପୃକ୍ତ ପଦାଧିକାରୀମାନେ ନିଜ ଇଚ୍ଛା ଅନୁଯାୟୀ ଯେ କୌଣସି ସ୍ଥାନରେ, ଏପରିକି ନିବୁଜ୍ କୋଠରୀ ଭିତରେ ଜନଶୁଣାଣି କରୁଥିଲେ ଏବଂ ନିଜେ ଚାହିଁବା ମତେ ଜଣ ଜଣ କରି ଡାକି ଆଗ୍ରହୀ ବ୍ୟକ୍ତିବେଶେଷଙ୍କର ମତ ସଂଗ୍ରହ କରୁଥିଲେ; ସର୍ବସାଧାରଣଙ୍କ ଦ୍ୱାରା ଫଟୋ କିମ୍ବା ଭିଡିଓ ଉତ୍ତୋଳନ ପାଇଁ ଅନୁମତି ନଥିବାରୁ ବ୍ୟକ୍ତିବିଶେଷମାନେ ପ୍ରକାଶ କରୁଥିବା ମତାମତକୁ ସଂପୃକ୍ତ ପଦାଧିକାରୀମାନେ ନିଜ ଢଙ୍ଗରେ କାଣ୍ଟଛାଣ୍ଟ କରି ଲିପିବଦ୍ଧ କରୁଥିଲେ, ଏବଂ ସେମାନଙ୍କ ଦ୍ୱାରା ମନମୁଖୀ ଭାବେ ପ୍ରସ୍ତୁତ ବିକୃତ ବିବରଣୀକୁ ସର୍ବସାଧାରଣଙ୍କ ଦ୍ୱାରା ପ୍ରଶ୍ନ କରିବାର ମଧ୍ୟ କୋଣସି ପ୍ରମାଣଯୋଗ୍ୟ ଆଧାର ନଥିଲା । ଏସବୁର ପରିଣତି ସ୍ୱରୂପ, ପ୍ରକଳ୍ପ ପ୍ରସ୍ତାବକ ଓ ଅମଲାତନ୍ତ୍ର ଭିତରେ ଗୋପନ ମଧୁଚନ୍ଦ୍ରିକା ଗଢିଉଠୁଥିଲା ଏବଂ ପ୍ରକୃତ ଜନସ୍ୱାର୍ଥ ଓ ଜନମତକୁ ଉପେକ୍ଷା କରାଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକଳ୍ପଗୁଡିକୁ ମନମୁଖୀ ଭାବେ ପରିବେଶୀୟ ମଞ୍ଜୁରି, ସରକାରୀ ପ୍ରୋତ୍ସାହନ ଓ ପ୍ରଶାସନିକ ସହାୟତା ଯୋଗାଇ ଦିଆଯାଉଥିଲା । ଏହି ପ୍ରକ୍ରିୟାରେ ବହୁ ଅବାଂଛିତ ଶିଳ୍ପପ୍ରକଳ୍ପ ଆମ ରାଜ୍ୟରେ ଏବଂ ଦେଶରେ ପ୍ରତିଷ୍ଠା ଲାଭ କରିଛି, ଯାହା ଯୋଗୁଁ ଘଟିଥିବା ବ୍ୟାପକ ବିସ୍ଥାପନ ଏବଂ ପରିବେଶ ପ୍ରଦୂଷଣର ଜଟିଳ ବୋଝ ଏବେ ବି ଆମକୁ ବିକ୍ଷୁବ୍ଧ କରି ରଖିଛି । ପରିବେଶୀୟ ମଞ୍ଜୁରିର ଏହି ଅସ୍ୱଚ୍ଛ ଏବଂ ମନମୁଖୀ ପ୍ରକ୍ରିୟା ବିରୁଦ୍ଧରେ ଲଗାତାର ଜନ ଆନ୍ଦୋଳନ ଦେଖାଯିବା ଯୋଗୁଁ ପରିଶେଷରେ କେନ୍ଦ୍ର ସରକାର ବାଧ୍ୟ ହୋଇ ଏହି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ , ଉନ୍ମୁକ୍ତ ଏବଂ ଲୋକାଭିମୁଖୀ କରିବା ପାଇଁ ଜାରି କଲେ, **ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି- ୨୦୦୬ (Environment Impact Assessment Notification-2006),** ଯାହା କି ଗତ୧୪ ସେପ୍ଟେମ୍ବର ୨୦୦୬ ଠାରୁ ଆମ ରାଜ୍ୟ ସମେତ ସାରା ଦେଶ ପାଇଁ ଲାଗୁ ହୋଇଛି । ଏହି ନୂତନ ବିଜ୍ଞପ୍ତିର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ସୂଚୀତ କରାଯାଉଛି ।

୧. **ଜନଶୁଣାଣି ପ୍ରକ୍ରିୟା-**

- ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ସ୍ଥାନୀୟ ଭାଷାରେ ପ୍ରକାଶିତ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପ୍ରସାରିତ ଏକ ଦୈନିକ ଖବରକାଗଜ ସମେତ ନିଜ ୱେବ୍‌ସାଇଟ୍ ଏବଂ ବିଭିନ୍ନ ଗଣମାଧ୍ୟମରେ ଜନଶୁଣାଣିର ସ୍ଥାନ, ତାରିଖ ଓ ବିଷୟବସ୍ତୁ ସମ୍ବନ୍ଧରେ ଅନ୍ତତଃ ଏକ ମାସ ପୂର୍ବରୁ ବିଜ୍ଞପ୍ତି ଜାରି କରାଯିବ ।

- ବିଜ୍ଞପ୍ତିର ଠିକ୍ ୩୦ ଦିନ ପରେ, ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ବା ଏହାର ଏକ ସନ୍ନିକଟ ସ୍ଥାନରେ ଜନଶୁଣାଣି ଅନୁଷ୍ଠିତ ହେବ ।

- ଏଥିରେ ପ୍ରଭାବିତ ଅଞ୍ଚଳର ଯେ କୌଣସି ବ୍ୟକ୍ତି ନିଜର ମୌଖିକ ବକ୍ତବ୍ୟ ଉପସ୍ଥାପନ କରିପାରିବେ, ଏବଂ ଜଣେ ବ୍ୟକ୍ତି ବା ଗୋଟିଏ ସଂଗଠନ ସେହି ଅଞ୍ଚଳର ନହୋଇଥିଲେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ସକ୍ରିୟ ଥିବା କାରଣରୁ ସେ ନିଜର ମତାମତ ଲିଖିତ ଭାବେ ପ୍ରକାଶ କରିପାରିବେ ।

- ବ୍ୟକ୍ତିବିଶେଷଙ୍କ ଛଡା ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଅଞ୍ଚଳ ଓ ଏହାର ପରିପାର୍ଶ୍ୱ ଅନ୍ତର୍ଗତ ସ୍ଥାନୀୟ କର୍ତ୍ତୃପକ୍ଷ (ଯଥା, ପଞ୍ଚାୟତ ଓ ଏନ୍.ଏ.ସି. ଇତ୍ୟାଦି)ଙ୍କ ପ୍ରତିନିଧିମାନେ ମଧ୍ୟ ଏଥିରେ ମୌଖିକ ବା ଲିଖିତ ଭାବେ ଭାଗ ନେଇପାରିବେ ।

**୨. ପୁଣି ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ କେଉଁ କେଉଁ ସୂତ୍ରରୁ ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀ ମିଳିପାରିବ ?**

- ଜନଶୁଣାଣି ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସଂପୃକ୍ତ ବିଷୟରେ ଯଥେଷ୍ଟ ପୂର୍ବରୁ ତଥା ସମୁଚିତ ଭାବେ ଅବଗତ କରାଇବା ପାଇଁ ପ୍ରକଳ୍ପ-ପ୍ରସ୍ତାବକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ପାରିବେଶିକ ପ୍ରଭାବ ଅନୁଧ୍ୟାନର ଚିଠା ଦଲିଲ୍‌ର ପୂର୍ଣ୍ଣାଙ୍ଗ ତଥା ସଂକ୍ଷିପ୍ତ ବିବରଣୀ ବିଜ୍ଞପ୍ତି ତାରିଖ ଠାରୁ ଜନଶୁଣାଣି ପର୍ଯ୍ୟନ୍ତ ନିମ୍ନୋକ୍ତ ସର୍ବସାଧାରଣ ଦପ୍ତରରେ ଉପଲବ୍ଧ ହେବ –

  କ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
  ଖ) ଜିଲ୍ଲା ଶିଳ୍ପ କେନ୍ଦ୍ର ,
  ଗ) ଜିଲ୍ଲା ପରିଷଦ କାର୍ଯ୍ୟାଳୟ ,
  ଘ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପରିବେଶ ଭବନ, ଏ-୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର-୧୨
  ଙ) ଜଙ୍ଗଲ ଓ ପରିବେଶ ବିଭାଗ (ପରିବେଶ), ଓଡିଶା ସରକାର, ଭୁବନେଶ୍ୱର

- ଏହାଛଡା, ଉପରୋକ୍ତ ଦଲିଲ୍‌ର ସଂକ୍ଷିପ୍ତ ବିବରଣୀ (ଉଭୟ ଇଂରାଜୀ ଓ ଓଡିଆରେ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଓ୍ୱେବ୍‌ସାଇଟ୍ ( www.ospcboard.org)ରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଉପଲବ୍ଧ ରହିବ ।

**୩. ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ କେମିତି ଲିଖିତ ପ୍ରତିବାଦ ଓ ମତାମତ ଜଣାଇ ହେବ ଏବଂ କାହା ପାଖରେ ?-**

- ପାରିବେଶିକ ପ୍ରଭାବ ଅନୁଧ୍ୟାନର ଚିଠା-ଦଲିଲ୍ ବା ପ୍ରସ୍ତାବିତ ପ୍ରକଳ୍ପର ପାରିବେଶିକ ପ୍ରଭାବ ସମ୍ବନ୍ଧରେ ଆଗ୍ରହୀ ବ୍ୟକ୍ତି ଓ ସଂଗଠନମାନେ ନିଜର ପ୍ରତିବାଦ ବା ମତାମତକୁ ଲିଖିତ ଭାବେ ରେଜିଷ୍ଟର୍ଡ ଡାକ ଯୋଗେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଭ୍ୟ-ସଚିବଙ୍କ ନିକଟରେ ଜନଶୁଣାଣି ତାରିଖ ପୂର୍ବରୁ ଦାଖଲ କରିପାରିବେ ।

- ଏହି ବିଜ୍ଞପ୍ତି ସମ୍ବନ୍ଧରେ କୌଣସି ସ୍ପଷ୍ଟୀକରଣ ପାଇବା ପାଇଁ ବୋର୍ଡର ସଭ୍ୟ-ସଚିବଙ୍କୁ ଯୋଗାଯୋଗ କରାଯାଇପାରେ ।
  ଫୋନ୍ ନଂ- ୦୬୭୪-୨୫୬୪୦୩୩/୨୫୬୩୯୨୪, ଫାକ୍ସ- ୨୫୬୨୮୨୨/୨୫୬୦୯୫୫

**୪. ସର୍ବୋପରି ଭାରତ ସରକାରଙ୍କ ଦ୍ୱାରା ୧୪ ସେପ୍ଟେମ୍ବର ୨୦୦୬ରେ ଘୋଷିତ ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି- ୨୦୦୬ ର ସଂଲଗ୍ନ ନଥି ସଂଖ୍ୟା-୪ (Appendix IV) ଅନୁଯାୟୀ –**

- ଉପରୋକ୍ତ ମତେ ସୂଚୀତ ହୋଇଥିବା କାର୍ଯ୍ୟାଳୟଗୁଡିକ ସମେତ ନିମ୍ନୋକ୍ତ କ୍ଷେତ୍ରମାନଙ୍କରେ ମଧ୍ୟ ଚିଠା-ଦଲିଲ୍‌ଟି ସର୍ବସାଧାରଣଙ୍କ ଅବଗତି ଓ ସୂଚନା-ସଂଗ୍ରହ ପାଇଁ ଉପଲବ୍ଧ ରହିବ, ଯଥା-
  କ) କେନ୍ଦ୍ରୀୟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ ଓଡିଶା କାର୍ଯ୍ୟାଳୟ, ଭୁବନେଶ୍ୱର (ଉଭୟ ସଂପୂର୍ଣ୍ଣ ଓ ସାରାଂଶ ଦଲିଲ୍)
  ଖ) କେନ୍ଦ୍ରୀୟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ, ଦିଲ୍ଲୀଙ୍କ ଓ୍ୱେବ୍‌ସାଇଟ୍ (କେବଳ ସାରାଂଶ)
  ଗ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା ଚିଠା-ଦଲିଲ୍‌ର ସାରାଂଶକୁ ସର୍ବସାଧାରଣ ପାଠାଗାର ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ଲୋକଙ୍କ ନିରୀକ୍ଷଣ ପାଇଁ ପ୍ରଦର୍ଶନ କରିବା ।

**୫. ଜନଶୁଣାଣି ପ୍ରକ୍ରିୟା (ଭାରତ ସରକାରଙ୍କ ଉପରୋକ୍ତ ବିଜ୍ଞପ୍ତି-୨୦୦୬ ଅନୁଯାୟୀ )-**

- ଜିଲ୍ଲାପାଳ କିମ୍ବା ତାଙ୍କର ପ୍ରତିନିଧି ଭାବେ ଅତିରିକ୍ତ ଜିଲ୍ଲାପାଳ ବା ଜଣେ ତତ୍ତୁଲ୍ୟ ପଦାଧିକାରୀ ଜନଶୁଣାଣିରେ ଅଧ୍ୟକ୍ଷତା କରିବେ ।

- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସମଗ୍ର ଜନଶୁଣାଣି କାର୍ଯ୍ୟକ୍ରମର ଭିଡିଓ ଚିତ୍ର ଉତ୍ତୋଳନ କରାଯିବ ।

- ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ଯୋଗଦାନକୁ ଲିପିବଦ୍ଧ କରାଯିବ ଏବଂ ଏହା ବିବରଣୀର ଅଂଶବିଶେଷ ଭାବେ ବିବେଚିତ ହେବ ।

- ପ୍ରକଳ୍ପ-ପ୍ରସ୍ତାବକ କମ୍ପାନୀର ଜଣେ ପ୍ରତିନିଧି ପ୍ରଥମେ ପ୍ରକଳ୍ପ ଏବଂ ଚିଠା-ଦଲିଲ୍‌ର ସାରାଂଶକୁ ଉପସ୍ଥାପନ କରିବେ ।

- ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ପ୍ରକଳ୍ପର ପାରିବେଶିକ ପ୍ରଭାବ ସମ୍ବନ୍ଧରେ ପ୍ରଶ୍ନ ପଚାରି ପାରିବେ, ଏବଂ ପ୍ରକଳ୍ପ-ପ୍ରସ୍ତାବକଙ୍କ ତରଫରୁ ପ୍ରତିଟି ବିଷୟରେ ସ୍ପଷ୍ଟୀକରଣ ଦିଆଯିବ ।

- ସମସ୍ତ ଆଲୋଚନାକୁ ନିର୍ଭୁଲ୍ ଭାବେ ଲିପିବଦ୍ଧ କରିବା ହେଉଛି ବୋର୍ଡର ପ୍ରତିନିଧିଙ୍କ ଦାୟିତ୍ୱ ।

- ଶେଷରେ ଲିପିବଦ୍ଧ ବିବରଣୀକୁ ଉପସ୍ଥିତ ପ୍ରତିନିଧିମାନଙ୍କ ସମ୍ମୁଖରେ ପଢି ଶୁଣାଇ ଦିଆଯିବ, ଏବଂ ପୁଣି ଓଡିଆରେ ବୁଝାଇ ଦିଆଯିବ ।
- ଜନଶୁଣାଣି ବେଳେ ଲୋକଙ୍କ ତରଫରୁ ପ୍ରକାଶ ପାଇଥିବା ସମସ୍ୟା ତଥା ଉଦ୍‌ବେଗଗୁଡିକ ସହିତ ସେଗୁଡିକ ଭିତରୁ ପ୍ରତିଟି ବିନ୍ଦୁ ଉପରେ ପ୍ରକଳ୍ପ-ପ୍ରସ୍ତାବକଙ୍କ ଦ୍ୱାରା ଦିଆଯାଇଥିବା ବୟାନ୍‌କୁ ସମ୍ମିଳିତ କରି ଏକ ସ୍ୱତନ୍ତ୍ର ବିବରଣୀ ପ୍ରସ୍ତୁତ କରାଯିବ, ଯାହାକି ମୁଖ୍ୟ ବିବରଣୀ ସହିତ ଏକ ସଂଲଗ୍ନ ନଥି ରୂପେ ବିବେଚିତ ହେବ ।

**୬. ଜନଶୁଣାଣି ତାରିଖର ପରବର୍ତ୍ତୀ ପର୍ଯ୍ୟାୟରେ -**

- ସର୍ବସମ୍ମତି କ୍ରମେ ଗୃହୀତ ବିବରଣୀକୁ ଜିଲ୍ଲାପାଳ ବା ତାଙ୍କ ପ୍ରତିନିଧି ସ୍ୱାକ୍ଷର କରିବା ପରେ ତାକୁ ରାଜ୍ୟ ବୋର୍ଡଙ୍କ ନିକଟକୁ ପଠାଯିବ ।

- ଜନଶୁଣାଣିର ବିବରଣୀର ନକଲ ସଂପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟସମୂହ ତଥା ଜିଲ୍ଲା ପରିଷଦ, ଜିଲ୍ଲାପାଳ ଏବଂ ରାଜ୍ୟ ବୋର୍ଡଙ୍କ କାର୍ଯ୍ୟାଳୟରେ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ । ରାଜ୍ୟ ବୋର୍ଡଙ୍କ ଓେବ୍‌ସାଇଟ୍‌ରେ ମଧ୍ୟ ଏହା ସ୍ଥାନିତ ହେବ ।

- କେହି ବ୍ୟକ୍ତି ଜନଶୁଣାଣିର କାର୍ଯ୍ୟଧାରା କି ବିବରଣୀ ଉପରେ ନିଜର ଟିପ୍‌ପଣୀ ଦେବାକୁ ଚାହିଁଲେ, ସେ ଏହାକୁ ସଂପୃକ୍ତ ନିୟନ୍ତ୍ରକ କର୍ତ୍ତୃପକ୍ଷ (କେନ୍ଦ୍ରୀ ପରିବେଶ ବିଭାଗ, ନୂଆଦିଲ୍ଲୀ)ଙ୍କ ନିକଟକୁ ସିଧାସଳଖ ପଠାଇ ପାରିବେ ।

- ଜନଶୁଣାଣି ସଂପୂର୍ଣ୍ଣ ହେବାର ୮ ଦିନ ମଧ୍ୟରେ ରାଜ୍ୟ ବୋର୍ଡ କେନ୍ଦ୍ରୀୟ ପରବେଶ ବିଭାଗ ନିକଟକୁ ଏହାର ବିବରଣୀକୁ ପଠାଇବେ । ପ୍ରକଳ୍ପ-ପ୍ରସ୍ତାବକ କମ୍ପାନୀ ମଧ୍ୟ ଅନୁମୋଦିତ ବିବରଣୀର ନକଲକୁ ସିଧାସଳଖ କେନ୍ଦ୍ରକୁ ପଠାଇପାରନ୍ତି ଏବଂ ଏହା ସହିତ ଜନଶୁଣାଣି ବେଳେ ଉପସ୍ଥାପିତ ହୋଇଥିବା ପ୍ରଶ୍ନଗୁଡିକର ଆଧାରରେ ନିଜେ ପ୍ରସ୍ତୁତ କରିଥିବା ଚୂଡାନ୍ତ ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀ ଅଥବା ଚିଠା-ଦଲିଲ୍ ସହ ଏକ ଅତିରିକ୍ତ ବିବରଣୀ ପଠାଇ ପାରନ୍ତି ।

**୭. ଜନଶୁଣାଣିର ସମୀକ୍ଷଣ -**

- ଜନଶୁଣାଣି ଭିତ୍ତିରେ ଚୂଡାନ୍ତ ହୋଇଥିବା ପାରିବେଶିକ ପ୍ରଭାବ ଅନୁଧ୍ୟାନର ବିବରଣୀକୁ ଏକ କେନ୍ଦ୍ରୀୟ ବିଶେଷଜ୍ଞ ସମୀକ୍ଷା କମିଟି (Expert Appraisal Committee) ବିବରଣୀ ପାଇବାର ୬୦ଦିନ ମଧ୍ୟରେ ସମୀକ୍ଷା କରିବେ । ଏହି କମିଟି ନିଜେ ସମୀକ୍ଷା କଲାବେଳେ ଚୂଡାନ୍ତ ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀ ତଥା ଜନଶୁଣାଣିର ଫଳାଫଳକୁ ବିଚାରକୁ ନେବେ ଏବଂ ଆବଶ୍ୟକ ପଡିଲେ ପ୍ରକଳ୍ପ-ପ୍ରସ୍ତାବକ କମ୍ପାନୀର ପ୍ରତିନିଧିଙ୍କୁ ଡାକି ତାଙ୍କ ଠାରୁ ବିଭିନ୍ନ ପ୍ରଶ୍ନ ଉପରେ ସ୍ପଷ୍ଟୀକରଣ ଆଦାୟ କରିବେ ।

- କେନ୍ଦ୍ରୀୟ ବିଶେଷଜ୍ଞ ସମୀକ୍ଷା କମିଟି ନିଜର ସୁପାରିଶ୍‌କୁ ୧୫ ଦିନ ମଧ୍ୟରେ ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଅର୍ଥାତ୍ କେନ୍ଦ୍ରୀୟ ପରିବେଶ ବିଭାଗଙ୍କ ପାଖରେ ଦାଖଲ କରିବେ । ସେମାନେ ହୁଏତ୍ ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ ସର୍ତ୍ତମୂଳକ ପ୍ରାକ୍ ମଞ୍ଜୁରି ପ୍ରଦାନକୁ ସୁପାରିଶ୍ କରିପାରନ୍ତି, ନଚେତ୍ କାରଣ ପ୍ରଦର୍ଶନ ପୂର୍ବକ ପ୍ରସ୍ତାବକୁ ପୁରାପୁରି ନାମଞ୍ଜୁର କରି ଦେଇପାରନ୍ତି ।

- କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବିଶେଷଜ୍ଞ କମିଟିଙ୍କ ସୁପାରିଶ୍ ପାଇବାର ୪୫ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରି ପ୍ରକଳ୍ପ-ପ୍ରସ୍ତାବକ କମ୍ପାନୀଙ୍କୁ ସିଧାସଳଖ ଜଣାଇଦେବେ । ସାଧାରଣତଃ କେନ୍ଦ୍ରୀୟ କର୍ତ୍ତୃପକ୍ଷ ବିଶେଷଜ୍ଞ ସମୀକ୍ଷା କମିଟିଙ୍କ ସୁପାରିଶ୍‌କୁ ମାନ୍ୟତା ଦେବେ ।

- ଯଦି ସ୍ଥଳ ବିଶେଷରେ କର୍ତ୍ତୃପକ୍ଷ ଭିନ୍ନ ମତ ପୋଷଣ କରନ୍ତି, ତେବେ କମିଟିଙ୍କ ସୁପାରିଶ୍ ପାଇବାର ୪୫ ଦିନ ମଧ୍ୟରେ କମିଟିଙ୍କୁ ତହିଁର କାରଣ ଜଣାଇଦେବେ ଏବଂ ତଦନୁଯାୟୀ ପୁନର୍ବିଚାର କରିବା ପାଇଁ ପରାମର୍ଶ ଦେବେ । କର୍ତ୍ତୃପକ୍ଷ ତାଙ୍କ ପତ୍ରର ଏକ ନକଲ ପ୍ରକଳ୍ପ-ପ୍ରସ୍ତାବକଙ୍କ ନିକଟକୁ ମଧ୍ୟ ପଠାଇବେ ।

- ବିଶେଷଜ୍ଞ ସମୀକ୍ଷା କମିଟି ଉପରୋକ୍ତ ପରାମର୍ଶ ପାଇବାର ୬୦ ଦିନ ମଧ୍ୟରେ ନିଜର ମତାମତ କର୍ତ୍ତୃପକ୍ଷଙ୍କୁ ଜଣାଇଦେବେ ।

- କମିଟିଙ୍କ ମତାମତ ପାଇବା ପରେ କର୍ତ୍ତୃପକ୍ଷ ସବୁଦିଗକୁ ବିଚାର କରି ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ଏବଂ ୩୦ ଦିନ ମଧ୍ୟରେ ପ୍ରକଳ୍ପ-ପ୍ରସ୍ତାବକଙ୍କୁ ଜଣାଇଦେବେ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Orissa, PH: 0671-2308518/ 2308137, Email: chittabehera1@yahoo.co.in, Mobile: 94375-77546, dt- 7Aug. 07**